## ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ବାସୁଦେବପୁର,(ଡି.ଏନ.ଏ.)- ଭଦ୍ରକ ଜିଲା ବାସୁଦେବପୁରର ବିଦେଇପୁର ପଞ୍ଚାୟତର ଗଦି ଗ୍ରାମର ମହେନ୍ଦ୍ର ନାୟକ (୭୦) ସୋମବାର ନିକଟସ୍ଥ ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ସେ ଅସାବଧାନବଶତଃ ପୋଖରୀରେ ପଡ଼ି ଯାଇଥିଲେ। ତାଙ୍କୁ ପୋଖରୀରୁ ଉଦ୍ଧାର କରି ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନାକୁ ଅଣାଯାଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା।

# ସମ୍ଭାବ୍ୟ ବାତ୍ୟା ଲାଗି ପ୍ରସ୍ତୁତ ରୁହ: ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର,୧୦।୧୦(ବ୍ୟୁରୋ)

ଓଡ଼ିଶାର ଭୌଗୋଳିକ ସ୍ଥିତି ଓ ଜଳବାୟୁ ସର୍ବଦା ବନ୍ୟା, ବାତ୍ୟାପ୍ରବଣ ହୋଇ ରହିଛି। ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ପ୍ରତ୍ୟାବର୍ତ୍ତନ ସହିତ ଅକ୍ଟୋବର ଓ ନଭେମ୍ବରରେ ରାଜ୍ୟରେ ଭୀଷଣ ବାତ୍ୟା ଅନୁଭୂତ ହୁଏ । ବେଳେବେଳେ ଏହା ଡିସେମ୍ବର ୧୫ ପର୍ଯ୍ୟନ୍ତ ମଧ୍ୟ ରହିଥାଏ। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ ରହିବାକୁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ବାତ୍ୟା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ନିର୍ଦ୍ଦେଶକ ଏଚ୍. ଆର. ବିଶ୍ୱାସ କହିଛନ୍ତି, ବର୍ତ୍ତମାନ ଓଡ଼ିଶାର ଜଳବାୟୁ ସ୍ଥିତି ବାତ୍ୟା ଅନୁକୂଳ ରହିଛି। ହେଲେ ଆସନ୍ତା ୧୫ ଦିନ ଭିତରେ ବାତ୍ୟାର କୌଣସି ସୂଚନା ନାହିଁ।

ବୈଠକରୁ ଜଣାପଡ଼ିଛି, ଇତିମଧ୍ୟରେ ଓଡ଼ିଶାରେ ବାତ୍ୟାର ପୂର୍ବାନୁମାନ ଏବଂ ଆଗୁଆ ସତର୍କ ସୂଚନା ପ୍ରସାରଣ ଭିତ୍ତିଭୂମିକୁ ସୁଦୃଢ଼ କରାଯାଇଛି । ଜିଲା ଓ ଅଞ୍ଚଳଭିତ୍ତିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଉଛି। ଗୋପାଳପୁର ଓ ପାରାଦୀପଠାରେ ଡପ୍‌ଲର ପାଣିପାଗ ରାଡାର ଷ୍ଟେଶନ ସହ ବାଲେଶ୍ୱର, ଚାନ୍ଦବାଲି, ପୁରୀ, ଭୁବନେଶ୍ୱର, ଗୋପାଳପୁର ଏବଂ ପାରାଦୀପ ଆଦି ସ୍ଥାନରେ ଉଚ୍ଚ କ୍ଷମତାସମ୍ପନ୍ନ ବାୟୁଗତି ପରିମାପକ ଯନ୍ତ୍ରମାନ (ହାଇ ୱିଣ୍ଡ୍ ସ୍ପିଡ୍ ରେକର୍ଡର) ସ୍ଥାପନ କରାଯାଇଛି। ବାତ୍ୟାରେ ଟେଲିଫୋନ୍ ଏବଂ ବିଦ୍ୟୁତ୍ ଭିତ୍ତିଭୂମି ଅଧିକ କ୍ଷତିଗ୍ରସ୍ତ ହେଉଛି। ମୋବାଇଲ୍ ଟେଲିକମ୍-ଟାୱାର,

### ସମୀକ୍ଷା ବୈଠକରେ ପରାମର୍ଶ

ସାଟେଲାଇଟ୍ ଫୋନ୍ ଜେନେରେଟର, ବିଦ୍ୟୁତ୍ ଖୁଣ୍ଟ, କଣ୍ଡକ୍ଟର, ସବ୍‌ଷ୍ଟେଶନ ଓ ଯଥେଷ୍ଟ ସଂଖ୍ୟକ ମାନବ ସମ୍ବଳ ଆଦିର ଆକଳନ ଏବଂ ଆବଶ୍ୟକ ବେଳେ ତୁରନ୍ତ ନିୟୋଜିତ ପାଇଁ ପ୍ରସ୍ତୁତ ରହିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏହାଛଡ଼ା ପାନୀୟଜଳ ନିମନ୍ତେ ଗ୍ରାମ ଓ ସହରାଞ୍ଚଳରେ ଥିବା ହ୍ୟାଣ୍ଡପମ୍ପ୍‌ଗୁଡିକୁ କାର୍ଯ୍ୟକ୍ଷମ ରଖିବା ସହ ବାତ୍ୟା ଅତିକ୍ରାନ୍ତ ହେବା ପରେ ପାନୀୟଜଳ ଯୋଗାଣ ବ୍ୟବସ୍ଥା କର୍ମକ୍ଷମ କରିବାକୁ ପୂର୍ଣ୍ଣ ପ୍ରସ୍ତୁତି ନିମନ୍ତେ କୁହାଯାଇଛି। ଯଥେଷ୍ଟ ପରିମାଣର ବ୍ଲିଚିଂ, ହାଲୋଜିନ୍ ବଟିକା, ଔଷଧ, ଆମ୍ବୁଲାନ୍ସ ଏବଂ ଡାକ୍ତରୀ ଟିମ୍ ଆଦି ପୂର୍ବ ପ୍ରସ୍ତୁତ ରହିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଓଡ୍ରାଫ୍ ଏବଂ ଅଗ୍ନିଶମ ସଂସ୍ଥା ସବୁ ଉପକରଣକୁ ଠିକ୍ ଭାବେ ଯାଞ୍ଚ କରିବା ପାଇଁ ପରାମର୍ଶ ଦିଆଯାଇଛି। ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ମୋନା ଶର୍ମା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଜଳସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ସମେତ ବାତ୍ୟା ପରିଚାଳନା ସହ ସମ୍ପୃକ୍ତ ସମସ୍ତ ବିଭାଗର ପ୍ରମୁଖ ଶାସନ ସଚିବ, ଶାସନ ସଚିବ ଓ ବରିଷ୍ଠ ଅଧିକାରୀମାନେ ଆବଶ୍ୟକ ତଥ୍ୟ ଉପସ୍ଥାପନ କରିଛନ୍ତି। ନାଭାଲ୍, ଆର୍ମି, କୋଷ୍ଟଗାର୍ଡ ଓ ଭାରତୀୟ ପାଣିପାଗ ବିଭାଗ ଆଦିର ବରିଷ୍ଠ ଅଧିକାରୀମାନେ ମଧ୍ୟ ବୈଠକରେ ନିଜ ନିଜ ବିଭାଗର ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ।

## ଭିଜିଲାନ୍ସ ଜାଲରେ ମୃତ୍ତିକା ସଂରକ୍ଷଣ ବିଭାଗ ପର୍ଯ୍ୟବେକ୍ଷକ

ବାରିପଦା ଅଫିସ,୧୦।୧୦

ମୟୂରଭଞ୍ଜ ଜିଲା ବିଶୋଇ ବ୍ଲକ ମୃତ୍ତିକା ସଂରକ୍ଷଣ ବିଭାଗ ପର୍ଯ୍ୟବେକ୍ଷକ କିଶୋର କୁମାର ବେହେରା ସୋମବାର ଲାଞ୍ଚ ନେବା ସମୟରେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ତାଙ୍କ ନିକଟରୁ କେମିକାଲ ବୋଳା ୨୨ହଜାର ଟଙ୍କା ଜବତ କରାଯାଇଛି। ଏଥି ସହ ରାଇରଙ୍ଗପୁରସ୍ଥିତ ତାଙ୍କ କାର୍ଯ୍ୟାଳୟ, ଭଦ୍ରକ ଜିଲା ଧୂଷୁରୀ ଗ୍ରାମ ଓ ଭଡ଼ା ଘରେ ଚଢ଼ାଉ ଜାରି ରହିଛି। ସୂଚନାଯୋଗ୍ୟ, ବିଶୋଇ ବ୍ଲକରେ ଏମ୍‌ଜିଏନ୍‌ଆର୍‌ଇଜିଏ ଯୋଜନାରେ ପୋଖରୀ ଖୋଳାର ମଷ୍ଟର ରୋଲ ବାବଦରେ ବିଲ୍ କରିବା ପାଇଁ ଦେଓଡାଙ୍ଗ ଗ୍ରାମର ଶିବାଶିଷ ବଇଠାଙ୍କଠାରୁ ସେ ୨୨ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏହାକୁ ନେଇ ଅଭିଯୋଗକାରୀ ବାଲେଶ୍ୱର ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିଥିଲେ। ପୂର୍ବ ଯୋଜନା ମୁତାବକ ଲାଞ୍ଚ ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ବେହେରାଙ୍କୁ କାବୁ କରିଥିଲେ। ଏ ସଂକ୍ରାନ୍ତରେ ବିଭାଗ ପକ୍ଷରୁ ଏକ ମାମଲା(ନଂ.୩୦/୨୨)ରୁଜୁ ହୋଇଛି।

### ସଂକ୍ଷେପରେ

## ଟଙ୍କା ଭାଗବଣ୍ଟାକୁ କେନ୍ଦ୍ରକରି ହତ୍ୟାକାଣ୍ଡ ଅଭିଯୁକ୍ତ ଗିରଫ

ଯୋଡ଼ା,୧୦।୧୦(ଡି.ଏନ.ଏ): କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ବଳଦା କଟା ସାହିଠାରେ ଟଙ୍କା ଭାଗବଣ୍ଟାକୁ କେନ୍ଦ୍ରକରି ଏକ ହତ୍ୟାକାଣ୍ଡ ଘଟିଛି। ଠେଙ୍ଗାମାଡ଼ରେ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ଗ୍ରାମର ରମେଶଚନ୍ଦ୍ର ପାତ୍ର। ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ତଦନ୍ତ କରୁଛି। ସୂଚନା ଅନୁଯାୟୀ, ଶନିବାର ରାତିରେ ଉକ୍ତ ଗ୍ରାମର ରମେଶ ପାତ୍ର ଓ ରାମଚନ୍ଦ୍ର ଜରେଇଙ୍କ ମଧ୍ୟରେ ଟଙ୍କା ଭାଗବଣ୍ଟାକୁ ନେଇ କଳହ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ରାମଚନ୍ଦ୍ର ଏକ ଠେଙ୍ଗାରେ ରମେଶଙ୍କୁ ମାଡ଼ ମାରିଥିଲେ। ଆକ୍ରମଣରେ ଘଟଣା ସ୍ଥଳରେ ହିଁ ରମେଶଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ପୋଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବାମେବାରି ଥାନାରେ ଏକ ହତ୍ୟା ମାମଲା ନଂ. ୧୭୫/୨୦୨୨ ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ପୋଲିସ ସୂଚନା ଦେଇଛି।

## ବିବାହ ପରେ ନାବାଳିକା ଉଦ୍ଧାର

ଜଳେଶ୍ୱର, ୧୦।୧୦(ଡି.ଏନ.ଏ.)-ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳର ଏକ ନାବାଳିକାଙ୍କ ବିବାହ ସରିଥିବା ବେଳେ ସୋମବାର ଶିଶୁ ଓ ମହିଳା ବିଭାଗ ଅଧିକାରୀ ପୋଲିସ ସହାୟତାରେ ଉଦ୍ଧାର କରିଛି। ତାହାକୁ ବାଲେଶ୍ୱର ପଠାଯିବା ଲାଗି ବ୍ୟବସ୍ଥା ହୋଇଛି। ଉକ୍ତ ନାବାଳିକାଙ୍କ ରବିବାର ରାତିରେ ବିବାହ ହୋଇଥିଲା। ଘଟଣା ଜଣାଯିବାପରେ ଆଇସିଡିଏସ୍‌ର ପରିଦର୍ଶିକା ବିନତାମଣି ସିଂ, ସଞ୍ଜୟିତା ସାମନ୍ତ ଓ ଶ୍ରଦ୍ଧାଞ୍ଜଳି ଭାରତୀ ନାବାଳିକାଙ୍କୁ ଉଦ୍ଧାର କରି ବ୍ଲକ କାର୍ଯ୍ୟାଳୟକୁ ଆଣିଥିଲେ।

## ମାଧୁରୀଙ୍କୁ ସମ୍ବର୍ଦ୍ଧନା

ବାସୁଦେବପୁର,୧୦।୧୦(ଡି.ଏନ.ଏ.)- ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବାଗଦା ବିନାୟକପୁର ଗ୍ରାମର ମାଧୁରୀ ବେହେରା ଓଡ଼ିଶା ସିଭିଲ ସର୍ଭିସ୍ ପରୀକ୍ଷାରେ ୧୭୪ତମ ସ୍ଥାନ ଅଳଂକୃତ କରି ରାଜ୍ୟରେ ବାସୁଦେବପୁର ପାଇଁ ଗର୍ବ ଆଣିଥିବା ବେଳେ ତାଙ୍କୁ ବିଭିନ୍ନ ମହଲରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପ୍ରଦେଶ କଂଗ୍ରେସ କମିଟିର ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ କୁମାର ଦାସ ବାଗଦା ବିନାୟକପୁର ଗ୍ରାମରେ ପହଞ୍ଚି ମାଧୁରୀ ବେହେରାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଭାଜପା ଜିଲା ଉପସଭାପତି ଉଦୟ ନାରାୟଣ ମଲ୍ଲିକ ମଧ୍ୟ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି।

## ଶିବମୁନିଙ୍କ ଜନ୍ମ ବାର୍ଷିକୀ

ବାରିପଦା ଅଫିସ,୧୦।୧୦- ବାରିପଦା ମଧୁବନସ୍ଥିତ ଆଶ୍ରମରେ ଶିବମୁନିଙ୍କ ୧୩୯ତମ ଜନ୍ମ ଦିବସ ପାଳନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମୁନି ରତ୍ନାକର ଭୋଇ ଯୋଗଦେଇ ସତ୍ୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟ ବକ୍ତା ଭାବେ ବଡ଼ସାହି ପଞ୍ଚାୟତ ସମିତି ମହାବିଦ୍ୟାଳୟର ଗଣିତ ପ୍ରାଧ୍ୟାପକ ଯୋଗୀ ଫକୀର ମୁନି ଯୋଗଦେଇ ଶିବମୁନିଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ଛୋଟ ଛୋଟ ପିଲାଙ୍କୁ ନେଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସଙ୍ଗୀତ ଗୁରୁ ଜଗତପତି ହାଁସଦାଙ୍କ ତତ୍ତ୍ୱାବଧାନରେ ଏକ ସଙ୍ଗୀତ ଆସର ଆୟୋଜନ କରାଯାଇଥିଲା। ସରକାରୀ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମମତାମୟୀ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଓମ ପ୍ରକାଶ ସାହୁ ଓ ଲଳିତ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପାଚିକା ମହାସଂଘ ପକ୍ଷରୁ ବିକ୍ଷୋଭ




ଭୋଗରାଇ ବ୍ଲକ ସମ୍ମୁଖରେ ମଧ୍ୟାହ୍ନ ପାଚିକା ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଭୋଗରାଇ, ୧୦।୧୦(ଡି.ଏନ.ଏ.)

ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ରୋଷେଇ କରୁଥିବା ସମସ୍ତ ପାଚିକା ଓ ସହାୟିକାମାନଙ୍କୁ ସ୍ଥାୟୀ କର୍ମଚାରୀ ଭାବେ ନିଯୁକ୍ତି ଦେବା, ମାସକୁ ୨୬ହଜାର ଟଙ୍କା ଦରମା, ନବମ ଓ ଦଶମ ଶ୍ରେଣୀକୁ ମଧ୍ୟାହ୍ନଭୋଜନରେ ସାମିଲ କରିବା, ଅବସର ବୟସ ୬୨ବର୍ଷକୁ ବୃଦ୍ଧି କରିବା, ୨୮ମାସର ବକେୟା ବର୍ଦ୍ଧିତ ଦରମା ପ୍ରଦାନ ଆଦି ଦାବି ନେଇ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ବିଦ୍ୟାଳୟ ମଧ୍ୟାହ୍ନଭୋଜନ ପାଚିକା ମହାସଂଘ ପକ୍ଷରୁ ସୋମବାର ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ୪ଶହରୁ ଊର୍ଦ୍ଧ୍ୱ ମହିଳା ପ୍ଲାକାର୍ଡ଼ ଧରି ଥାନା ଛକରୁ ଏକ ଶୋଭାଯାତ୍ରାରେ ବାହାରି ବ୍ଲକ ସମ୍ମୁଖରେ ପହଞ୍ଚିଥିଲେ।

ବରିଷ୍ଠ କମ୍ୟୁନିଷ୍ଟ ନେତା ଚିତ୍ତରଞ୍ଜନ ଦାସଙ୍କ ପୌରହିତ୍ୟରେ ଆନ୍ଦୋଳନକାରୀମାନେ ଦୀର୍ଘ ସମୟ ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସଂଘର ରାଜ୍ୟ ସାଧାରଣ ସମ୍ପାଦିକା ଈଶାନୀ ଷଡ଼ଙ୍ଗୀ, ଜିଲା ସଭାପତି ମୃତ୍ୟୁଞ୍ଜୟ ରାଉତ, ସିପିଏମ୍ ନେତା ଅଧୀର ଗିରି ଗୋସ୍ୱାମୀ, ୟୁନିଅନ୍‌ର ଆବାହକ ଦୀପ୍ତିମାନ ଆଚାର୍ଯ୍ୟ, ଆଇନଜୀବୀ ବିଶ୍ୱଜିତ୍ ଦାସ, ସହାୟିକା ସଂଘର ସଭାନେତ୍ରୀ ସରୋଜିନୀ ପ୍ରଧାନ, ସମ୍ପାଦିକା ପ୍ରମିଳା ସାହୁ, ପୁତୁଲ ଦାସ, ସଦସ୍ୟ ଶୁକଦେବ ସାହୁ, ବସନ୍ତ ପ୍ରଧାନ ପ୍ରମୁଖ ଦାବି ସରକାର ନ ମାନିଲେ ବୃହତ୍ ଗଣ ଆନ୍ଦୋଳନ ହେବ ବୋଲି ସରକାରଙ୍କୁ ଚେତାବନୀ ଦେଇଥିଲେ। ପରେ ସଂଘର ଏକ ଦାବି ସମ୍ବଳିତ ସ୍ମାରକପତ୍ର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରତିନିଧି ଦଳ ବିଡିଓ ଶଙ୍କର କୁମାର ପଟ୍ଟନାୟକଙ୍କୁ ପ୍ରଦାନ କରିଥିଲେ।

## ଅହମ୍ମଦିୟା ସମ୍ପ୍ରଦାୟ ପକ୍ଷରୁ ମହମ୍ମଦ ଜୟନ୍ତୀ

ଭଦ୍ରକ ଅଫିସ, ୧୦।୧୦

ଅହମ୍ମଦିୟା ମୁସଲିମ ଜମାତ୍ ଭଦ୍ରକ ଶାଖା ପକ୍ଷରୁ ସୀରାତୁନ ନବୀ ଦିବସ ପାଳିତ ହୋଇଯାଇଛି। ନମାଜ ତହଜ୍ଜୁଦ ପାଠ ପରେ ନମାଜ ଫଜର ପାଠ କରାଯାଇଥିଲା। ଏହି ଅବସରରେ ପବିତ୍ର କୋରାନ ଦରସ(ପ୍ରବଚନ) ଓ ସାମୂହିକ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନରେ ଅହମଦିୟା ଜମାତର ସଦସ୍ୟମାନଙ୍କ ଦ୍ୱାରା ଜିଲା ମୁଖ୍ୟ ଚିକିତ୍ସାଳୟରେ ଫଳ ବଣ୍ଟନ କରାଯିବା ସହ ରୋଗୀଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଥିଲା। ଏହି ଅବସରରେ ଅହମଦିୟା ସମ୍ପ୍ରଦାୟର ନାରୀ ସଙ୍ଗଠନ(ଲଜନା ଇମାଉଲ୍ଲା) ପକ୍ଷରୁ ମାନବସେବା ଉଦ୍ଦେଶ୍ୟରେ ବାଲ୍ୟାଶ୍ରମ, କନ୍ୟାଶ୍ରମ ଓ ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବାସୀଙ୍କୁ ଖାଦ୍ୟ ଓ ପାଠ୍ୟ ଉପକରଣ ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରେ ମଦିନା ମଇଦାନ ସ୍ଥିତ ଅହମଦିୟା ମସଜିଦରେ ଜମାତର ଅଧ୍ୟକ୍ଷ ଅବଦୁଲ କାଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଧର୍ମସଭାରେ ମହାପୁରୁଷ ପ୍ରଫେଟ ମହମ୍ମଦଙ୍କ ଜୀବନାଦର୍ଶ ଉପରେ ବହୁ ବିଶିଷ୍ଟ ବ୍ୟକ୍ତି ଆଲୋକପାତ କରିଥିଲେ। ସମାଜରେ ଶାନ୍ତି ପ୍ରତିଷ୍ଠା, ଭାତୃଭାବର ଉଦ୍ରେକ, ନାରୀ ଶିକ୍ଷା, ଦେଶପ୍ରେମ, ଈଶ୍ୱରଭକ୍ତି ସମ୍ପର୍କରେ ବକ୍ତାମାନେ ବକ୍ତବ୍ୟ ଦେଇଥିଲେ। ଶେଷରେ ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ସାମୂହିକ ପ୍ରାର୍ଥନା କରାଯାଇଥିଲା।

## ଜେସିବିରେ ଚାପି ହୋଇ ବୃଦ୍ଧଙ୍କ ମୃତ୍ୟୁ

ପାଟଣା,୧୦।୧୦(ସ୍ୱ.ପ୍ର.)

### କ୍ଷତିପୂରଣ ଦାବିରେ ରାସ୍ତାରୋକୋ



ଉତ୍ତେଜିତ ଲୋକେ ରାସ୍ତାରୋକୋ କରିଛନ୍ତି।

କେନ୍ଦୁଝର ଜିଲା ପାଟଣା ଥାନା ଉପାନ୍ତ ଅଞ୍ଚଳ ଗୋରାସ ପଞ୍ଚାୟତ ପଳାଶ ପଡ଼ା ଗ୍ରାମ୍ୟ ରାସ୍ତାରେ ସୋମବାର ଅପରାହ୍ନରେ ଏକ ଅଘଟଣ ଘଟିଯାଇଛି। ଏକ ଜେସିବି ବକେଟ ଚାପି ଦେବାରୁ ଘଟଣାସ୍ଥଳରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ସାହାରପଡ଼ା ବ୍ଲକ୍ ମାଛଗଡ଼ ପଞ୍ଚାୟତ ସାନବାଲି ପଶି ଗ୍ରାମର କାଣ୍ଡେ ମୁଣ୍ଡା(୬୦)। ଘଟଣା ସ୍ଥଳରେ ଚାପା ଉତ୍ତେଜନା ଲାଗିରହିଛି।

ସୂଚନା ମୁତାବକ, ପଳଶା ପଡ଼ା ନିକଟରେ ବୃଦ୍ଧ ଜଣକ ରାସ୍ତା ଉପରେ ଶୋଇଥିଲେ। ପାନୀୟ ଜଳ ଯୋଗାଣ କାର୍ଯ୍ୟରେ ନିୟୋଜିତ ଏକ ଜେସିବିର ଚାଳକ ବୃଦ୍ଧଙ୍କ ଉପରେ ଜେସିବି ବକେଟ ରଖି ଚାପି ଦେଇଥିଲେ। ଘଟଣାସ୍ଥଳରେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିଲା। ଘଟଣା ପରେ ଚାଳକ ଫେରାର ହୋଇଯାଇଥିଲେ। କ୍ଷତିପୂରଣ ଦାବିରେ ଲୋକେ ରାସ୍ତା ଉପରେ ଶବ ରଖି ପ୍ରତିବାଦ ଜାରି ରଖିଛନ୍ତି। ସାହାରପଡ଼ା ଫାଣ୍ଡି ଅଧିକାରୀ ଶିବଶଙ୍କର ଆଲଦା ଓ ଏସ୍‌ଆଇ ଶିବ ପ୍ରସାଦ ଆଇଚ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରୁଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ପ୍ରତିବାଦ ଜାରି ରହିଛି। ଜେସିବିକୁ ପୋଲିସ ଜବତ କରିଛି।

## ଭାଜପା ରାଜ୍ୟ ସଭାପତିଙ୍କୁ ସ୍ୱାଗତ



ଭାଜପା ରାଜ୍ୟ ସଭାପତିଙ୍କୁ ସ୍ୱାଗତ କରାଯାଉଛି।

**ଧୂଷୁରୀ, ୧୦।୧୦:** ଧାମନଗର ଉପନିର୍ବାଚନ ପାଇଁ ଭାଜପା ପକ୍ଷରୁ ସୂର୍ଯ୍ୟବଂଶୀ ସୁରଜଙ୍କ ନାମ ଘୋଷଣା ହେବା ପରେ ସୋମବାର ଭାଜପାର ରାଜ୍ୟ ସଭାପତି ସମୀର ମହାନ୍ତି ଧାମନଗର ଗସ୍ତ କରି ସୂରଜଙ୍କ ସହିତ ବିଭିନ୍ନ ସ୍ଥାନରେ ପୂଜାର୍ଚ୍ଚନା କରିଛନ୍ତି। ଏହି ଅବସରରେ ଧାମନଗର ବ୍ଲକ ଅସୁରାଳିଠାରେ ରାଜ୍ୟ ଭାଜପା ସଭାପତିଙ୍କ ସମେତ ରାଜ୍ୟ ସାଧାରଣ ସମ୍ପାଦକ କାଳନ୍ଦୀ ସାମଲ ଓ ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀଙ୍କୁ ସ୍ୱାଗତ କରାଯାଇଥିଲା। ଅସୁରାଳି ସରପଞ୍ଚ ମିନତୀ ସାହୁ, ସୁମିତ୍ରା ପାଣି, ପ୍ରଦୀପ ବଳ, ବୈକୁଣ୍ଠ ସାହୁ, ସରପଞ୍ଚ ପ୍ରତିନିଧି ସୁରଜ ସାହୁ, ପୂର୍ବତନ ସରପଞ୍ଚ ରାଜେନ୍ଦ୍ର ସାହୁ, ସାମାଜିକକର୍ମୀ ଶ୍ରୀକାନ୍ତ ସାହୁ, ମଣ୍ଡଳ ସଭାପତି ଅଜୟ ବଳ, ବରିଷ୍ଠ ନାଗରିକ ହେମେନ୍ଦ୍ର ସାହୁଙ୍କ ସମେତ ନେତା, କର୍ମୀ ଓ ସାଧାରଣ ଜନତା ସ୍ୱାଗତ କରିଥିଲେ।

## ୨୫ରେ ଜନଜାତି ସୁରକ୍ଷା ମଞ୍ଚର ବିକ୍ଷୋଭ

### ‘ଧର୍ମାନ୍ତରୀକରଣ ପରିବାରକୁ ଜନଜାତି ତାଲିକାରୁ ବାଦ୍ ଦିଆଯାଉ’

ନୀଳଗିରି, ୧୦।୧୦(ସ୍ୱ.ପ୍ର.)

ନୀଳଗିରି ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ଏହାର ସୁଯୋଗ ନେଇ ଅନ୍ୟ ଧର୍ମର ଲୋକେ ସରଳ ଆଦିବାସୀ ଲୋକଙ୍କୁ ବୁଝାଇ ଧର୍ମ ପରିବର୍ତ୍ତନ କରାଉଛନ୍ତି। ଗତ କିଛି ଦିନ ମଧ୍ୟରେ ଏହା ବଢ଼ି ଚାଲିଥିବା ପରିଲକ୍ଷିତ ହୋଇଛି। ଏହାକୁ ବିରୋଧ କରି ଅଖିଳ ଭାରତୀୟ ଜନଜାତି ସୁରକ୍ଷା ମଞ୍ଚ ବାଲେଶ୍ୱର ଶାଖା ପକ୍ଷରୁ ନୀଳଗିରି ଡାକବଙ୍ଗଳା ପରିସରରେ ଏକ ବୈଠକ କରାଯାଇ ଧର୍ମାନ୍ତରୀକରଣ ପରିବାରକୁ ଜନଜାତି ତାଲିକାରୁ ବାଦ୍ ଦିଆଯାଉ ବୋଲି ଦାବି କରାଯାଇଛି। ଆସନ୍ତା ୨୫ତାରିଖରେ ଏନେଇ ସୁରକ୍ଷା ମଞ୍ଚ ପକ୍ଷରୁ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହେବ ବୋଲି ଚେତାବନୀ ଦିଆଯାଇଛି।

ନୀଳଗିରି ଅଞ୍ଚଳରେ ଚାରିଆଡ଼େ ବେଆଇନ ଧର୍ମାନ୍ତରୀକରଣ ପରେ ଏବେ ଜନଜାତିର ଲୋକମାନେ ସ୍ୱର ଉଠାଇବା ଆରମ୍ଭ କରିଛନ୍ତି। ଏହାକୁ ବିରୋଧ କରି ନୀଳଗିରି ଜଗନ୍ନାଥ ମନ୍ଦିରଠାରୁ ଶୋଭାଯାତ୍ରାରେ ଆସି ଉପଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ଏକ ବିକ୍ଷୋଭ ଅନୁଷ୍ଠିତ ହେବ ବୋଲି ଜନଜାତି ସୁରକ୍ଷା ମଞ୍ଚର ଆବାହକ ସୁକୁମାର ନାୟକ କହିଛନ୍ତି। ଜନଜାତି ସୁରକ୍ଷା ମଞ୍ଚର ବ୍ଲକ ସଂଯୋଜକ ରବୀନ୍ଦ୍ର ସିଂ, ସହ ସଂଯୋଜକ ସାଗରିକା ସିଂ, କଂଗ୍ରେସ ବ୍ଲକ ସଭାପତି ମନୋରଞ୍ଜନ ପଣ୍ଡା, ଜ୍ଞାନରଞ୍ଜନ ମିଶ୍ର, ଜୟଦେବ ବେହେରା, କାଣ୍ଡଗରଡ଼ିହି ସରପଞ୍ଚ ରାଜେନ୍ଦ୍ର ରାଉତ, ବାଙ୍ଗୁରୁ ସିଂ, ଟିକି ସିଂ, ପିତାମ୍ବର ସିଂ, ପ୍ରକାଶ ସିଂ, ସୁମିତ୍ରା ସିଂ, ଆରବନ୍ଦ ସରପଞ୍ଚ କୁଳମଣି ନାୟକ, ଶ୍ରୀଧର ସିଂ, ବାଙ୍ଗୁରି ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ପୂଜାମଣ୍ଡପ ବୁଲିଲେ ବିଧାୟକ

ପାଟଣା,୧୦।୧୦(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଟାଙ୍ଗରପଡ଼ା ପଞ୍ଚାୟତ ନୂଆପଡ଼ାଠାରେ ଲକ୍ଷ୍ମୀପୂଜା ମଣ୍ଡପ ବୁଲି ପାଟଣା ବିଧାୟକ ତଥା ଜିଲା ଯୋଜନା କମିଟି ସଭାପତି ଜଗନ୍ନାଥ ନାଏକ ଆଶିଷ ଭିକ୍ଷା କରିଛନ୍ତି। ବିଧାୟକଙ୍କ ସହ ସ୍ଥାନୀୟ ସରପଞ୍ଚ ଅନିରୁଦ୍ଧ ନାଏକ, ପୂଜା କମିଟି ସଭାପତି ସନ୍ତୋଷ ନାଏକ, ସମ୍ପାଦକ ପ୍ରମୋଦ ମହାନ୍ତଙ୍କ ସହ ସଦସ୍ୟ ନିରଞ୍ଜନ ମହାନ୍ତ, ଦୈତାରୀ ମହାନ୍ତ, ଭୋଳାନାଥ ମହାନ୍ତ, ଶରତ ମହାନ୍ତ, ନବ ମହାନ୍ତ, ନିରାକାର ମହାନ୍ତ, ହେମନ୍ତ ମହାନ୍ତ, ଗୋପାଳ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଛୋଟଛୋଟ ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## କମ୍ପ୍ୟୁଟର ଲାବରେ ବର୍ଷାଜଳ

କେନ୍ଦୁଝର,୧୦।୧୦(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ କିଆପଡ଼ା ପଞ୍ଚାୟତ ଅଧୀନ ବଲାଣୀପଶି ପିଏମବି ବିଦ୍ୟାପୀଠରେ କମ୍ପ୍ୟୁଟର ଲାବୋରଟୋରୀ ଛାତରୁ ବର୍ଷା ହେଲେ ପାଣି ଗଳୁଛି। ଏ ସମ୍ପର୍କରେ ପ୍ରଧାନଶିକ୍ଷକ ଅଭିମନ୍ୟୁ ମହାନ୍ତ ସ୍ଥାନୀୟ ସରପଞ୍ଚ ଲୀନା ନାୟକଙ୍କ ଜଣାଇବା ସହ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ। ମାତ୍ର କୌଣସି ସୁଫଳ ମିଳିନି। ଏହି ବିଦ୍ୟାଳୟରେ କମ୍ପ୍ୟୁଟର ଲାବ ପାଇଁ ସ୍ୱତନ୍ତ୍ର ଗୃହ ନାହିଁ। ପୁରୁଣା ଛାତଘରେ ଏହା ଚାଲିଛି। ବର୍ଷା ହେଲେ ସେଠାରେ ପାଣି ଗଳୁଛି। ଉକ୍ତ ଗୃହରେ ବିଦ୍ୟାଳୟର ନବମ ଓ ଦଶମ ଶ୍ରେଣୀର ମୋଟ ୪୯ ଜଣ ଶିକ୍ଷାର୍ଥୀ କମ୍ପ୍ୟୁଟର ଶିକ୍ଷାଗ୍ରହଣ କରୁଛନ୍ତି। ଏ ନେଇ ଜଣେ ଅଭିଭାବକ କ୍ଷମାନନ୍ଦ ମହାନ୍ତ କହିଛନ୍ତି ଯେ, ତାଙ୍କ ପୁଅ ପ୍ରତ୍ୟୁଷ କମ୍ପ୍ୟୁଟର ଶିକ୍ଷା ପ୍ରତି ବହୁତ ଆଗ୍ରହ ରଖେ। ବର୍ଷା ଜଳ ପାଇଁ ସେହି କକ୍ଷରେ ବସି ଶିକ୍ଷା ଗ୍ରହଣ କରିବା ସୁବିଧା ହେଉନାହିଁ। ଏ ଦିଗରେ ଜିଲା ପ୍ରଶାସନ ଦୃଷ୍ଟି ଦେଇ ଦାବି କରିଛନ୍ତି। ମରାମତି କରା ନ ଗଲେ ବିଦ୍ୟାଳୟର କମ୍ପ୍ୟୁଟର ଲାବ ଅଚଳ ହୋଇପଡ଼ିବ। ଛାତ୍ରୀଛାତ୍ର ଏହି ଶିକ୍ଷାଗ୍ରହଣରୁ ବଞ୍ଚିତ ହେବେ ବୋଲି ୧୦ମ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ର ଶ୍ୟାମଶେଖର ମହାନ୍ତ ସୂଚନା ଦେଇଛନ୍ତି।

## ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସରେ ଆଇନ ସଚେତନତା

ସୋର, ୧୦।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ସୋରରେ ତାଲୁକ ଆଇନ ସେବା କମିଟି ପକ୍ଷରୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ ଏକ ଆଇନ ସଚେତନତା ଓ ସାକ୍ଷରତା ଶିବିର କେଦାରପୁର ଗ୍ରାମସ୍ଥିତ କବିବର ସ୍ମୃତି ସଂସଦ ସହାୟତାରେ ଆୟୋଜିତ ହୋଇଛି। ପ୍ରାରମ୍ଭରେ କବିବରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷା ତଥା ସିଭିଲ୍ ଜଜ୍ ସିନିଅର ଡିଭିଜନ୍ ସଙ୍ଗୀତା ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଶିବିରରେ ଆଇନ ବିଶାରଦ ଆଇନଗତ ସହାୟତା ନେଇ ମତ ରଖିଥିଲେ। ଏକ ସୁସ୍ଥ ଓ ସନ୍ତୁଳିତ ସମାଜ ଗଠନରେ ଶାରୀରିକ ସ୍ୱାସ୍ଥ୍ୟ ସହ ମାନସିକ ସ୍ୱାସ୍ଥ୍ୟର ଗୁରୁତ୍ୱ ନେଇ ଜଜ୍ ସଂଗୀତା ମିଶ୍ର ବକ୍ତବ୍ୟରେ କହିଥିଲେ। ଅନ୍ୟତମ ଅତିଥି ଭାବେ ସୋର କୋର୍ଟର ବରିଷ୍ଠ ଆଇନଜୀବୀ କାହ୍ନୁଚରଣ ବେହେରା, ଗୋପାଳ ରାଉତ ପ୍ରମୁଖ ଯୋଗଦେଇ କରୋନା ପରେ ସମାଜରେ ଲୋକଙ୍କ ମାନସିକ ସ୍ୱାସ୍ଥ୍ୟ ନିମ୍ନମୁଖୀ ହୋଇଥିବା ବେଳେ ଏହାର ଠିକ୍ ଉପଚାର ଅତ୍ୟନ୍ତ ଜରୁରୀ ବୋଲି କହିଥିଲେ। ଶଙ୍କର୍ଷଣ ନାୟକ, ଗଙ୍ଗାଧର ପାଢ଼ୀ, ଭାସ୍କର ନାୟକ, ରମେଶ ଚନ୍ଦ୍ର ଲେଙ୍କା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସ୍ମୃତି ସଂସଦର ଯୁଗ୍ମ ସମ୍ପାଦକ ଆଇନଜୀବୀ ବିଶ୍ୱନାଥ ଘୋଷ ଧନ୍ୟବାଦ ଦେଇଥିଲେ। ଜ୍ୟୋତିପ୍ରକାଶ ସେଠୀ, ବିଶ୍ୱରଞ୍ଜନ ବାରିକ, ରତ୍ନାକର ବାରିକ, ପ୍ରଭାତ ପାକଳ, କାର୍ତ୍ତିକ ଚନ୍ଦ୍ର ସିଂ, ସସ୍ମିତା ସିଂ, କଲ୍ୟାଣୀ ଘୋଷ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷା ତଥା ସିଭିଲ୍ ଜଜ୍ ସିନିଅର ଡିଭିଜନ୍ ସଙ୍ଗୀତା ମିଶ୍ର ଓ ଅନ୍ୟମାନେ।

## ରାସ୍ତା ମରାମତି ନ ହେଲେ ଧାରଣା

ଭଦ୍ରକ ଅଫିସ, ୧୦।୧୦

ଭଦ୍ରକ ସଦର ବ୍ଲକର ଚାରିତିରା-କାଜିପୋଖରୀ ଓ ବରପଦା ପଖିଆଗୁଡ଼ି ହନୁମାନ ଛକଠାରୁ ମିଠୁଆଣି ପର୍ଯ୍ୟନ୍ତ ବିପର୍ଯ୍ୟସ୍ତ ରାସ୍ତାର ମରାମତି ଦାବିରେ ଆସନ୍ତା ଅକ୍ଟୋବର ୧୯ ତାରିଖରେ ଭଦ୍ରକ-ଆନନ୍ଦପୁର ରାସ୍ତାର ବରପଦା ଛକରେ ଧାରଣା ଦେବାକୁ ସମ୍ପୃକ୍ତ ଗ୍ରାମବାସୀମାନେ ଚେତାବନୀ ଦେଇଛନ୍ତି। ଏନେଇ ସୋମବାର ଭଦ୍ରକ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏହି ରାସ୍ତା ସମସ୍ୟା ନେଇ ପୂର୍ବରୁ ଏକାଧିକବାର ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇବା ପରେ ଭଦ୍ରକ ଗ୍ରାମାଞ୍ଚଳ ଥାନାଧିକାରୀ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ, ଭଦ୍ରକ ବିଡିଓ, ବନ୍ତ ତହସିଲଦାର, ସହକାରୀ ଯନ୍ତ୍ରୀ ରାସ୍ତାର ଦୁରାବସ୍ଥା ପରିଦର୍ଶନ କରି ୭ ଦିନ ଭିତରେ ରାସ୍ତା ମରାମତି କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବନ୍ତ ବ୍ଲକ ରାମକୃଷ୍ଣପୁର ରାମପୁର ପଞ୍ଚାୟତର ଚାରିତିରା ଓ କାଜିପୋଖରୀ ଗ୍ରାମ୍ୟ ରାସ୍ତାକୁ ଯାତାୟାତ ଉପଯୋଗୀ ମରାମତି କରାଯାଇଛି। କିନ୍ତୁ ଭଦ୍ରକ ବ୍ଲକ ଅଧୀନରେ ଥିବା ବରପଦା ହନୁମାନ ଛକଠାରୁ ଚାରିତିରା ଓ କାଜିପୋଖରୀ ସଂଯୁକ୍ତ ରାସ୍ତା ଆଦୌ ମରାମତି କରାଯାଇନାହିଁ। ଦୀର୍ଘ ୧୫ ବର୍ଷ ଧରି ଏହି ରାସ୍ତା ମରାମତି ହୋଇ ନ ଥିବାରୁ ଏହା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏହି ରାସ୍ତାର ତୁରନ୍ତ ମରାମତି ଦାବିରେ ଚାରିତିରା, କାଜିପୋଖରୀ ଗ୍ରାମର ସନ୍ଦୀପ ମହାପାତ୍ର, ଭାସ୍କର ବେହୁରା, ଗୋବିନ୍ଦ ମଲ୍ଲିକ, ଉଗ୍ରେସନ ମହାପାତ୍ର, ତ୍ରିଲୋଚନ ରାଉତ, ବୁବୁ ସାମଲ, ବିଷ୍ଣୁ ପାଲ, ପୁପୁନା ସାମଲ, ଶିବ ବେହୁରା, ଦାମୋଦର ନାୟକ, ଜଟିଆ ମହାନ୍ତିଙ୍କ ପ୍ରମୁଖଙ୍କ ନେତୃତ୍ୱରେ ଗ୍ରାମବାସୀ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

# ସୁଉଚ୍ଚ ତୋରଣ, ଆଲୋକମାଳାରେ ଝଲସୁଛି ବଜାର

■ପୂଜା ପାଉଛନ୍ତି ଗଜଲକ୍ଷ୍ମୀ

■୭ଦିନ ଧରି ଚାଲିବ ଉତ୍ସବ

**ବନ୍ତ,୧୦।୧୦(ଡି.ଏନ୍.ଏ.)**

ଭଦ୍ରକ ଜିଲା ବନ୍ତ ଥାନା ଛକ ଓ କେନ୍ଦୁଆପଦା ଛକର ଦୁଇ ମଣ୍ଡପରେ ରବିବାର ରାତିରୁ ମା' ଗଜଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଛି। ଏଠାରେ ଦୀର୍ଘ ୩୩ ବର୍ଷ ଧରି ପୂଜା ଚାଲି ଆସୁଥିବା ବେଳେ କୋଭିଡ୍ ପାଇଁ ଗତ ୨ ବର୍ଷ ହେବ ନିରାଡ଼ମ୍ବର ଭାବେ ପାଳିତ ହେଉଥିଲା। ଚଳିତ ବର୍ଷ ଦର୍ଶକମାନଙ୍କୁ ଆକୃଷ୍ଟ କଲା ଭଳି ପୂଜା ମଣ୍ଡପରେ ବାରୁଆଳୀ ମୂର୍ତ୍ତି ତିଆରି କରାଯିବା ସହ ସୁଉଚ୍ଚ ତୋରଣ ନିର୍ମାଣ କରାଯାଇଛି। ବଜାରର ଉଭୟ ପାର୍ଶ୍ୱକୁ ରଙ୍ଗବେରଙ୍ଗ ଆଲୋକମାଳାରେ ସଜ୍ଜିତ କରାଯାଇଛି। ଲୋକମାନଙ୍କ ଚାହିଦାକୁ ଦୃଷ୍ଟିରେ ରଖି ବ୍ୟବସାୟୀମାନେ ଦୋଳି, ମୀନାବଜାର, ଚାଟ୍, ମନୋହରି ଦୋକାନ ଖୋଲିଥିବାର ଦେଖାଯାଇଛି। ଥାନା ଛକ ମଣ୍ଡପରେ ସଞ୍ଜୀବ ପଣ୍ଡା, କୃଷ୍ଣ ଚନ୍ଦ୍ର ସାହୁ ଓ ପୂର୍ଣ୍ଣ ଚନ୍ଦ୍ର ସାହୁ କଳସ ଆଣିବା ପରେ ପୂଜା ଆରମ୍ଭ ହୋଇଥିଲା। କମିଟି ସଭାପତି ରାମ ଚନ୍ଦ୍ର ପଣ୍ଡା, ସମ୍ପାଦକ ନୃସିଂହ ଚରଣ ପରିଡ଼ା, ଉପସଭାପତି ସୌକତ୍ ଅଲ୍ଲୀ, ବିଜୟ ସାହୁ, ଜଳଧର ପଣ୍ଡା, ଧୀରେନ୍ଦ୍ର ରାଉଳ, ଭାଗୀରଥି ସାହୁ, ପ୍ରମୋଦ ସାମଲଙ୍କ ସମେତ ଅନ୍ୟମାନେ ସହଯୋଗ କରୁଛନ୍ତି। ପୂଜକ ଭାସ୍କର ଚନ୍ଦ୍ର ଶତପଥୀ ପୂଜା କାର୍ଯ୍ୟ ସମ୍ପାଦନ କରୁଛନ୍ତି। ସେହିପରି କେନ୍ଦୁଆପଦା ଛକ ମଣ୍ଡପରେ କାଳନ୍ଦୀ ସ୍ୱାଇଁ କଳସ ଆଣିଥିଲେ। କମିଟି ସଭାପତି ମୋହନ ଚରଣ ସାହୁ, ସମ୍ପାଦକ ଅଖିଳ ସାହୁ, ସେକ୍ ଅନୀଲ, ଲିଟୁ ଲେଙ୍କା, ଦେବୁନ ରାମ, ଉମେଶ ସାମଲ, ଭରତ ବେହେରାଙ୍କ ସମେତ କମିଟିର ସଦସ୍ୟମାନେ ସହାୟତା କରୁଛନ୍ତି। ଶାନ୍ତିଶୃଙ୍ଖଳା ଓ ଟ୍ରାଫିକ୍ ବ୍ୟବସ୍ଥା ପାଇଁ ବନ୍ତ ପୋଲିସ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି।


କେନ୍ଦୁଆପଦା ଛକରେ ହୋଇଥିବା ସୁଉଚ୍ଚ ତୋରଣ।


ବନ୍ତ ଥାନା ଛକରେ ପୂଜା ପାଉଥିବା ମା' ଗଜଲକ୍ଷ୍ମୀ।



## କଦଳୀ ପତ୍ରରେ ଲକ୍ଷ୍ମୀଙ୍କ ପ୍ରତିଛବି

ଜଳେଶ୍ୱର, ୧୦।୧୦(ଡି.ଏନ.ଏ.)–ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ମୁଣ୍ଡୁଣୀ ଗାଁର ଚିତ୍ରଶିଳ୍ପୀ ଅଜୟ କୁମାର ଘୋଷ ଗଜଲକ୍ଷ୍ମୀ ପୂଜା ଅବସରରେ ଏକ କଦଳୀପତ୍ରରେ ଲକ୍ଷ୍ମୀଙ୍କର ପ୍ରତିଛବି ନିଖୁଣ ଭାବେ ଆଙ୍କିଛନ୍ତି। ସେ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାର ବିଭିନ୍ନ ପ୍ରଦର୍ଶନୀରେ ରଙ୍ଗୋଲି, ଝୋଟି ଓ ଚିତ୍ର ଅଙ୍କନ କରିବା ସହିତ ବାଲୁକା କଳାକୃତି କରି ପ୍ରଶଂସା ସାଉଁଟିଛନ୍ତି।


ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଚିତ୍ରଡ଼ାଠାରେ ଗଜଲକ୍ଷ୍ମୀଙ୍କ ଆରାଧନା।


ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ପାଳଶାରେ ଗଜଲକ୍ଷ୍ମୀ ପୂଜା।


ବାଙ୍ଗିରିପୋଷିଠାରେ ଗଜଲକ୍ଷ୍ମୀଙ୍କ ମୃଣ୍ମୟ ମୂର୍ତ୍ତି।


ବେତନଟୀ ବ୍ଲକ ଖଡ଼ିଶୋଳଠାରେ ଶ୍ରଦ୍ଧାଳୁମାନେ ଗଜଲକ୍ଷ୍ମୀ ପୂଜା କରୁଛନ୍ତି।

# କୁମାରୋତ୍ସବରେ ସମୂହ ଚନ୍ଦ୍ର ବନ୍ଦାପନା


କୁମାରୀ ଓ ମହିଳାମାନେ ସମୂହ ଚନ୍ଦ୍ର ବନ୍ଦାପନା କରୁଛନ୍ତି।

**ବଡ଼ବିଲ,୧୦।୧୦(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡ଼ବିଲସ୍ଥିତ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ 'ନୀଳାଦ୍ରି' କାର୍ଯ୍ୟାଳୟ ପରିସରରେ କୁମାରୋତ୍ସବ ଓ ଅନୁଷ୍ଠାନର ଅଷ୍ଟମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହିଳା ଓ କୁମାରୀମାନଙ୍କ ଦ୍ୱାରା ସମୂହ ଚନ୍ଦ୍ର ବନ୍ଦାପନା କରାଯାଇଥିଲା। ରାଜ୍ୟ ସୀମାନ୍ତ ଅଞ୍ଚଳ ବଡ଼ବିଲ ଖଣିଜ ବ୍ୟବସାୟିକ ପେଣ୍ଠସ୍ଥଳୀ ହୋଇଥିବାରୁ ବିଭିନ୍ନ ଭାଷାର ଚଳଣି ରହିଆସିଛି। ଓଡ଼ିଆ ସଂସ୍କୃତିର ପ୍ରଚାର ପ୍ରସାର ନିମନ୍ତେ ବଡ଼ବିଲ ପିଏଚ୍‌ଡି ରୋଡ୍‌ରେ ଥିବା ସାଂସ୍କୃତିକ ଅନୁଷ୍ଠାନ ନୀଳାଦ୍ରି ବିଭିନ୍ନ ପର୍ବପର୍ବାଣି ପାଳନ କରିଆସୁଛି। ଏହି ଅବସରରେ ରବିବାର ଅନୁଷ୍ଠାନର ବାର୍ଷିକୋତ୍ସବ ଓ କୁମାରୋତ୍ସବ ପାଳନ କରିଥିଲା। ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ତୁଳସୀ ମୁଣ୍ଡା ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। କାର୍ଯ୍ୟାଳୟ ପରିସରରେ ସ୍ଥାପିତ ଜୟଦେବଙ୍କ ପ୍ରତିମୂର୍ତ୍ତିରେ ଟ୍ରଷ୍ଟି ଓ କର୍ମକର୍ତ୍ତାଙ୍କ ଦ୍ୱାରା ମାଲ୍ୟାର୍ପଣ ପରେ ସମୂହ ଚନ୍ଦ୍ର ବନ୍ଦାପନା କରାଯାଇଥିଲା। ଏଥିରେ ମହିଳା ଓ କୁମାରୀମାନେ ତୁଳସୀ ଚଉଁରା ସମ୍ମୁଖରେ ଦୀପ ପ୍ରଜ୍ୱଳନ କରି ଚନ୍ଦ୍ର ବନ୍ଦାପନା କରିବା ସହ ଚାନ୍ଦ ଭୋଗ ଲଗାଇଥିଲେ। ତହସିଲ ଅନ୍ତର୍ଗତ ବିଲେଇପଦା ଅଞ୍ଚଳର ଦାସକାଠିଆ ବାଦକ ଅଖିଳ ଚନ୍ଦ୍ର ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।


ବାଲେଶ୍ୱର ଜିଲା ଔପଦା ବଜାର ଦୁର୍ଗାମଣ୍ଡପରେ ପୂଜା ପାଉଥିବା ମା' ଗଜଲକ୍ଷ୍ମୀ।

# ଭତ୍ତା, ରାଶନ ପାଇଁ ବୃଦ୍ଧ ମା'ବାପାଙ୍କୁ ବାନ୍ଧି ନିର୍ଯାତନା

**ବାଲେଶ୍ୱର ଅଫିସ, ୧୦।୧୦**

ଭତ୍ତା, ରାଶନ କାର୍ଡ ପାଇଁ ଏକ ବୃଦ୍ଧ ଦମ୍ପତିଙ୍କୁ ତାଙ୍କ ପୁଅ ଘରେ ବାନ୍ଧି ୮ ମାସ ହେଲା ନିର୍ଯାତନା ଦେବା ଘଟଣା ସାଧାରଣରେ ଆଲୋଡନ ସୃଷ୍ଟି କରିଛି। ସୋମବାର ଜିଲାପାଳଙ୍କଠାରେ ଅଭିଯୋଗ ହେବା ପରେ ଘଟଣା ପଦାକୁ ଆସିଛି। ନିର୍ଯାତନାର ଶିକାର ହୋଇଥିବା ବୃଦ୍ଧ ଦମ୍ପତିଙ୍କ ଘର ବାଲେଶ୍ୱର ଜିଲା ନୀଳଗିରି ଥାନା ମରେଇଗାଁରେ। ୮୮ ବର୍ଷୀୟ ବୃଦ୍ଧ ମାଗୁଣି ଚରଣ ବେହେରାଙ୍କ ପୁଅ ଭତ୍ତା ବହି ନେଇ ଦୀର୍ଘ ୮ମାସ ହେଲା ଭତ୍ତା ଉଠାଇ ଖର୍ଚ୍ଚ କରିବା ସହ ରାଶନକାର୍ଡ଼ରୁ ରାଶନ ସାମଗ୍ରୀ ଆଣି ପରିବାର ଚଳାଉଛନ୍ତି। ଏହାସହ ମାଗୁଣିଙ୍କ ନାମରେ ଥିବା ଜମିକୁ ବ୍ୟାଙ୍କରେ ବନ୍ଧା ରଖି ଜାଲ୍ ଦସ୍ତଖତ କରି ୨ଲକ୍ଷ ଟଙ୍କା ଋଣ କରିଛନ୍ତି। ହେଲେ ମା'ବାପାଙ୍କୁ ଖାଇବାକୁ ନ ଦେଇ ଗୋଟିଏ ଘର ଭିତରେ ବାନ୍ଧି ରଖୁଛନ୍ତି। ଏପରିକି ପରିବାରର ଅନ୍ୟମାନଙ୍କ ସହ ପଡ଼ୋଶୀଙ୍କ ସହିତ ମିଶିବା ପାଇଁ ଆକଟ କରି ଧମକ ଦେଉଥିବା ଜଣାପଡ଼ିଛି। କୌଶଳକ୍ରମେ ବୃଦ୍ଧ ମାଗୁଣି ସେଠାରୁ ଜଣେ ଶୁଭେଚ୍ଛୁଙ୍କ ସହାୟତାରେ ବାଲେଶ୍ୱର ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଏ ସମ୍ପର୍କରେ ଲିଖିତ ଅଭିଯୋଗ କରିଛନ୍ତି। ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ସୋମବାର ବାଲିଆପାଳ ଗସ୍ତରେ ଯାଇଥିବାରୁ କେତେଜଣ ବୁଦ୍ଧିଜୀବୀଙ୍କ ପରାମର୍ଶ ଅନୁସାରେ ବୃଦ୍ଧ ମାଗୁଣି ତାଙ୍କର ଅଭିଯୋଗପତ୍ରକୁ ଉପଜିଲାପାଳ କିଶୋର ଚନ୍ଦ୍ର ସ୍ୱାଇଁଙ୍କୁ ପ୍ରଦାନ କରିଥିଲେ। ଜିଲାପାଳ ଫେରିବା ପରେ ଏପରି ଏକ ସମ୍ବେଦନଶୀଳ ଘଟଣା ବିଷୟରେ ଆଲୋଚନା କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ଏନେଇ ମାଗୁଣି ଚରଣ ବେହେରା କହନ୍ତି, ଗୋଟିଏ ବୋଲି ପୁଅ। ବୃଦ୍ଧବସ୍ଥାରେ ଆମକୁ ବିଭିନ୍ନ ପ୍ରକାର ଶାରୀରିକ ଓ ମାନସିକ ନିର୍ଯାତନା ଦେଉଛି। ଭତ୍ତା ଟଙ୍କାକୁ ଉଠାଇ ନେଉଛି। ରାଶନକାର୍ଡ଼ରେ ମିଳୁଥିବା ୩୫ କିଲୋ ଚାଉଳକୁ ନେଇଯାଉଛି। ଖାଇବା ଓ ପିଇବାକୁ ମଧ୍ୟ ଦେଉନାହିଁ। ମୋ ଭତ୍ତା ଟଙ୍କା ଅନ୍ୟଙ୍କୁ କିପରି ଦିଆଯାଉଛି ସେନେଇ ଜିଲାପାଳଙ୍କୁ ଜଣାଇବା ପାଇଁ ଆସିଥିବା କହିଛନ୍ତି।


ଜିଲାପାଳଙ୍କ ଅଫିସ୍‌କୁ ଆସିଥିବା ବୃଦ୍ଧ ମାଗୁଣି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

balasoreselfie@gmail.com


@ବିଜୟ


@ ରବଣି


@ ଗୋପୀନାଥ


@ ହରିଶଙ୍କର


@ ଚିନ୍ମୟ

ସେଲ୍‌ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ମିଳିତ ଜନଶୁଣାଣି ଶିବିର

**ରାଇରଙ୍ଗପୁର,୧୦।୧୦(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ବୈଠକ ଗୃହ ପରିସରରେ ସୋମବାର ଜିଲାପାଳ ଏବଂ ଏସ୍‌ପି ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିନୀତ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ଶିବିରରେ ଏସ୍‌ପି ଋଷିକେଶ ଦ୍ୟାନଦେଓ ଖିଲାରୀ, ରାଇରଙ୍ଗପୁର ଉପଜିଲାପାଳ ସରୋଜ ଦାଶ ଏବଂ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ହେମନ୍ତ ସିଂ ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ ଶିବିରରେ ଜିଲାପାଳ ଭରଦ୍ୱାଜ ରାଇରଙ୍ଗପୁର ଉପଖଣ୍ଡର ବିଭିନ୍ନ ଗ୍ରାମାଞ୍ଚଳର ସର୍ବମୋଟ ୪୬ଟି ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ। ସେଥି ମଧ୍ୟରୁ ୩୩ ବ୍ୟକ୍ତିଗତ ସମସ୍ୟା ଏବଂ ୧୩ ସାମୁହିକ ସମସ୍ୟା ଉପରେ ପର୍ଯ୍ୟବେକ୍ଷିତ ଥିଲା। ଗୋଟିଏ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଅନ୍ୟାନ୍ୟ ଅଭିଯୋଗ ସମାଧାନ ସକାଶେ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ରାଇରଙ୍ଗପୁର ଉପଖଣ୍ଡର ବିଭିନ୍ନ ବ୍ଲକ୍‌ର ବିଡିଓ, ତହସିଲଦାର, ସ୍ୱାସ୍ଥ୍ୟ,ଶିକ୍ଷା, ଜଳସେଚନ, ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ତାଲାଭାଙ୍ଗି ଟଙ୍କା, ସୁନା ଲୁଟ

ବାଙ୍ଗିରିପୋଷି,(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅଧୀନ ଚନ୍ଦନପୁର ପଞ୍ଚାୟତ ଯୋଗୀବନ୍ଧ ଗ୍ରାମର ଗୁରୁଭା ମହାନ୍ତଙ୍କ ଘର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ନଗଦ ୫୫ ହଜାର ଟଙ୍କା ସହ ଲକ୍ଷାଧିକ ଟଙ୍କାର ସୁନାଗହଣା ଲୁଟି ନେଇଛନ୍ତି। ଗ୍ରାମରେ ଅନୁଷ୍ଠିତ ଲକ୍ଷ୍ମୀପୂଜା ଭୋଗ ଖାଇବା ପାଇଁ ଗୁରୁଭା ଯାଇଥିବା ସୁଯୋଗ ନେଇ ସୋମବାର ପୂର୍ବାହ୍ଣ ୧୧ଟା ସମୟରେ ଲୁଟେରାମାନେ ଘର ତାଲା ଭାଙ୍ଗି ଟଙ୍କା ସୁନା ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

## ଆଜି କ'ଣ କେଉଁଠି

**ବାଲେଶ୍ୱର**

- ଜିଲାସ୍ତରୀୟ ଆନ୍ତଃସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନୀ ଉତ୍ସବ। ସ୍ଥାନ: ଖ୍ରୀଷ୍ଟିୟାନ ହାଇସ୍କୁଲ ପଡ଼ିଆ। ସମୟ: ପୂର୍ବାହ୍ଣ ୯ଟା।
- 'ଅକ୍ଷାଂଶ' ପତ୍ରିକାର ପୂଜାସଂଖ୍ୟା ଉପରେ ଆଲୋଚନା। ସ୍ଥାନ: ଶାନ୍ତିକାନନ ପରିସର। ସମୟ: ସନ୍ଧ୍ୟା ୬ଟା।

**ଭଦ୍ରକ**

- ଧାମନଗର ଭାଜପା ବିଧାୟକ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ, ସ୍ଥାନ-ଭଦ୍ରକ ବ୍ଲକ କାର୍ଯ୍ୟାଳୟ: ସମୟ-ପୂର୍ବାହ୍ଣ ୧୧ଟା।
- ବିଜେଡି ପଦଯାତ୍ରା, ସ୍ଥାନ-ଧୁଷୁରୀ, ସମୟ-ପୂର୍ବାହ୍ଣ ୧୦ଟା।

**କେନ୍ଦୁଝର**

- ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ଦି ମ୍ୟୁଜିକ କ୍ରିଏଟର, କଟକ ତରଫରୁ ମେଲୋଡି ପରିବେଷଣ।ସ୍ଥାନ- ଆନନ୍ଦେ ଶ୍ୱର ମନ୍ଦିର ପଡ଼ିଆ,ପାଟଣା, ସମୟ-୭ .୩୦

## ପାରିବାରିକ କଳହରୁ ଯୁବକଙ୍କ ଆତ୍ମହତ୍ୟା

ତେଲକୋଇ,୧୦।୧୦(ଡି.ଏନ୍.ଏ): କେନ୍ଦୁଝର ଜିଲା ତେଲକୋଇ ଥାନା ଅନ୍ତର୍ଗତ ଶିବନାରାୟଣପୁର ଗୋଡ଼ା ଗ୍ରାମରେ ପାରିବାରିକ କଳହରୁ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଗ୍ରାମର ବେଣୁଧର ମହାନ୍ତ (୨୭)। ପୋଲିସ ସୂଚନା ମୁତାବକ ରବିବାର ବେଣୁଧର ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ କୌଣସି କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏଥିରେ ମାନସିକ ଭାରସାମ୍ୟ ହରାଇ ବେଣୁଧର ଦଉଡି ବେକରେ ବାନ୍ଧି ଝୁଲି ଆତ୍ମହତ୍ୟା କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ନଂ. ୪୪/୨୨ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ପୋଲିସ ସୂଚନା ଦେଇଛି। ସମ୍ପୃକ୍ତ ଯୁବକ ଟ୍ରକ୍ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିବା ବେଳେ ତାଙ୍କର ଛୋଟ ପୁଅ, ଝିଅ ରହିଛନ୍ତି।

## ଜିଲାସ୍ତରୀୟ କୁମ୍ଭାର ସମାଜ ସଭା

ବାରିପଦା ଅଫିସ,୧୦।୧୦-ମୟୂରଭଞ୍ଜ କୁମ୍ଭାର ଉନ୍ନୟନ ପରିଷଦ ପକ୍ଷରୁ ବାରିପଦାସ୍ଥିତ ରୋଟାରୀ କ୍ଲବ୍ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ କୁମ୍ଭାର ସମାଜ ସଭା ଅନୁଷ୍ଠିତ ହୋଇଯାଇଛି। ସଭାପତି ଭୀମଚରଣ ରାମଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ରାଇରଙ୍ଗପୁର କୁମ୍ଭାର ସମାଜର ବରିଷ୍ଠ ସଦସ୍ୟ ବାସୁଦେବ ବେହେରା ଓ ଯୁବ ସଦସ୍ୟା ଦ୍ରୌପଦୀ ବେହେରା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଭୂତି ଭୂଷଣ ବେହେରା, ମୋରଡା କୁମ୍ଭାର ସମାଜର ସଦସ୍ୟ ଶଶାଙ୍କ ଶେଖର ବେହେରା ଓ ଅଶୋକ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଚଳିତ ମାସ ୧୬ ତାରିଖରେ ଯାଜପୁର ଜିଲାରେ ହେବାକୁ ଥିବା ରାଜ୍ୟସ୍ତରୀୟ ସଭାରେ ଯୋଗ ଦେବା ପାଇଁ ସମସ୍ତ ସଭ୍ୟମାନଙ୍କୁ କୁହାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସଞ୍ଜୟ ରାମ, ଜଗତ ଜୀବନ ରାମ, ଗଣେଶ ରାମ, ବିନୋଦ ରାମ, ପରେଶ ଚନ୍ଦ୍ର ପାତ୍ର, ସୁରେଶ ଚନ୍ଦ୍ର ପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଦୀପକ ରାମ ଧନ୍ୟବାଦ ଅର୍ପଣ କରିଥିଲେ।

## ମାଟ୍ରନ ମହାସଂଘର ଦାବିପତ୍ର

କେନ୍ଦୁଝର,୧୦।୧୦(ସ୍ୱ.ପ୍ର.): ନିଖିଳ ଓଡ଼ିଶା ଲେଡି ମାଟ୍ରନ ମହାସଂଘ କେନ୍ଦୁଝର ଶାଖା ପକ୍ଷରୁ ବିଭିନ୍ନ ସମସ୍ୟା ସମ୍ବଳିତ ଦାବିପତ୍ର ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ପ୍ରଦାନ କରାଯାଇଛି। ଦାବି ମଧ୍ୟରେ ମାଟ୍ରନମାନଙ୍କୁ ତୁରନ୍ତ ହଷ୍ଟେଲ ପରିଚାଳନା ଦାୟିତ୍ୱ ପ୍ରଦାନ, ଇପିଏଫ ଜମା ବ୍ୟବସ୍ଥା ଲାଗୁ, ମାଟ୍ରନମାନଙ୍କ ସୁବିଧା ପାଇଁ ଜମି ଯୋଗାଇଦେବା, ହଷ୍ଟେଲ ନିକଟରେ ସେମାନଙ୍କ ରହଣି ପାଇଁ ଆବାସ ଘର୍ ଆଦି ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ମହାସଂଘ ଶାଖା ସଭାପତି ଝରଣା ମହାନ୍ତଙ୍କ ସମେତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ୧୨ରେ ରୂପସା ରାବଣପୋଡ଼ି

ରୂପସା, ୧୦।୧୦(ଡି.ଏନ.ଏ.)-ବାଲେଶ୍ୱର ସଦର ବ୍ଲକ ଅଧୀନ ରୂପସାର ବିଶାଳ ରାବଣପୋଡ଼ି ଉତ୍ସବ ଆସନ୍ତା ୧୨ତାରିଖରେ ଅନୁଷ୍ଠିତ ହେବ। ଆଙ୍କୋ ଶତାବ୍ଦୀ କ୍ଲବ ଆନୁକୂଲ୍ୟରେ ପଦ୍ମକିଶୋର ପୋଖରୀ ନିକଟ ମହାଦେବ ମନ୍ଦିର ପଡ଼ିଆରେ ଏହି ଉତ୍ସବ ହେବ ବୋଲି କମିଟି ପକ୍ଷରୁ ସୋମବାର ନିଷ୍ପତ୍ତି ହୋଇଛି। ଫଳରେ ଆଖପାଖ ଅଞ୍ଚଳ ସମେତ ରୂପସା ହାଟରେ ମାଇକ ଯୋଗେ ପ୍ରଚାର କରାଯାଇ ଜନସାଧାରଣଙ୍କୁ ଅବଗତ କରାଯାଇଛି।ଦଶହରାରେ ହେବାକୁ ଥିବା ଏହି ରାବଣପୋଡ଼ିକୁ ପ୍ରବଳ ବର୍ଷା ଯୋଗୁ ସ୍ଥଗିତ ରଖାଯାଇଥିଲା। ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ସହ ଦମକଳ ବାହିନୀ, ସ୍ୱାସ୍ଥ୍ୟସେବା ଓ ପାନୀୟଜଳ ଯୋଗାଣ ବ୍ୟବସ୍ଥା ହୋଇଥିବା କ୍ଲବ କର୍ମକର୍ତ୍ତା ସୂଚନା ଦେଇଛନ୍ତି।

# ୧୩୪ ବୁଥ୍‌ର ନାମ ପରିବର୍ତ୍ତନ

### ଧାମନଗର ଉପନିର୍ବାଚନ
### ନିର୍ବାଚନ ପରିଚାଳନା ଲାଗି ପ୍ରଶିକ୍ଷଣ

ଭଦ୍ରକ ଅଫିସ, ୧୦।୧୦

ଧାମନଗର ଉପ ନିର୍ବାଚନ କାର୍ଯ୍ୟ ପରିଚାଳନା ନେଇ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ରାଜ୍ୟସ୍ତରୀୟ ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜାତୀୟ ସ୍ତରର ପ୍ରଶିକ୍ଷକ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର ଏବଂ ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରମୋଦ କୁମାର ସାହୁ ତାଲିମ ପ୍ରଦାନ କରିଥିଲେ। ଉପନିର୍ବାଚନ ପାଇଁ ଥିବା ସମୁଦାୟ ୨୫୨ଟି ବୁଥରୁ ୧୩୪ଟି ବୁଥ୍‌ର ନାମ ପରିବର୍ତ୍ତନ ନେଇ ରାଜନୈତିକ



ନିର୍ବାଚନ ପରିଚାଳନା ପାଇଁ ତାଲିମ ଦିଆଯାଉଛି।

ଦଳମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳଙ୍କ ସହ ଅତିରିକ୍ତ ଜିଲାପାଳ ରାମଦାସ ଟୁଡୁ, ଉପଜିଲାପାଳ ମନୋଜ ପାତ୍ର ଯୋଗ ଦେଇଥିଲେ। ସୂଚନାଯୋଗ୍ୟ ଯେ, ସ୍କୁଲ ମିଶ୍ରଣ ଓ କେତେକ ସ୍କୁଲର ଉନ୍ନୀତକରଣ ଯୋଗୁ ସ୍କୁଲଗୁଡ଼ିକର ନାମ ପରିବର୍ତ୍ତନ ହୋଇଥିବାରୁ ବୁଥ୍‌ଗୁଡ଼ିକର ମଧ୍ୟ ନାମ ପରିବର୍ତ୍ତନ କରାଯାଇଛି। ଏ ନେଇ ଜିଲାପାଳ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଦୁଇ ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି ଏବଂ ରାମଦାସ ଟୁଡୁ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରତାପ ପ୍ରୀତିମୟ, ଉପଜିଲାପାଳ ମନୋଜ ପାତ୍ର, ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଉପଜିଲାପାଳ ଡ. ଲକ୍ଷ୍ମୀ ପ୍ରସାଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଜିଲାର ସମସ୍ତ ବିଡିଓ, ତହସିଲଦାର, ଅତିରିକ୍ତ ତହସିଲଦାର, ପୌର ଓ ଏନ୍‌ଏସିର କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲା କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ ନିର୍ବାଚନ ପରିଚାଳନା ନୋଡାଲ ଅଧିକାରୀମାନେ ତାଲିମ ଗ୍ରହଣ କରିଥିଲେ। ପୂର୍ବାହ୍ଣ ଅଧିବେଶନରେ ଇଭିଏମ୍ ଓ ଭିଭିପାଟ୍‌ର ବ୍ୟବହାର ଓ ମତଦାନ ପ୍ରକ୍ରିୟା ସମ୍ବନ୍ଧରେ ତାଲିମ ପ୍ରଦାନ କରାଯାଇଥିଲା। ପ୍ରଥମ କରି ୮୦ ବର୍ଷ ବୟସରୁ ଉର୍ଦ୍ଧ୍ୱ ନାଗରିକ ଓ ଦିବ୍ୟାଙ୍ଗମାନଙ୍କ ପାଇଁ ପ୍ରଚଳିତ ହୋଇଥିବା ଡାକଭୋଟ ଗ୍ରହଣ ପ୍ରକ୍ରିୟା ସମ୍ବନ୍ଧରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଅପରାହ୍ଣ ଅଧିବେଶନରେ ଭୋଟ ଗଣନା, ଫଳାଫଳ ଘୋଷଣା, ପ୍ରକ୍ରିୟା ସହିତ ଇଭିଏମ୍, ଭିଭିପାଟର ବ୍ୟବହାର କୌଶଳ ପ୍ରଦାନ କରାଯାଇଥିଲା।

## ଭାଜପା ଦଳୀୟ କାର୍ଯ୍ୟାଳୟ ଉଦ୍‌ଘାଟିତ

ଧାମନଗର,୧୦।୧୦(ଡି.ଏନ.ଏ/ସ୍ୱ.ପ୍ର)

ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ସୋମବାର ଭଦ୍ରକ ଧାମନଗର ନିର୍ବାଚନମଣ୍ଡଳୀ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟରେ ନୂତନ ଦଳୀୟ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଛନ୍ତି। ଏଥି ସହ ବିଭିନ୍ନ ଅଞ୍ଚଳ ବୁଲି ଭାଜପା ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୁରଜ ସ୍ଥିତପ୍ରଜ୍ଞଙ୍କ ପ୍ରାର୍ଥିପତ୍ର ଦାଖଲରେ ସାମିଲ ହେବା ପାଇଁ କର୍ମକର୍ତ୍ତାଙ୍କୁ ଅନୁରୋଧ କରିଥିଲେ। ତାଙ୍କ ସହ ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର, ସମ୍ପାଦକ ଅଭିମନ୍ୟୁ ସେଠୀ, ଜିଲା ପ୍ରଭାରୀ କାଳନ୍ଦୀ ସାମଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଦ୍ରି ନାରାୟଣ ଧଳ, ଜିଲା ସଭାପତି ହେମନ୍ତ ପାଢ଼ୀ ପ୍ରମୁଖ ଅସୁରାଳି, ଧୂଷୁରୀ, ବେତାଳିଗାଁ, ପଧାନି, ଦୋବଲ, ଚୁଡ଼ାକୁଟି, ଧାମନଗର ଆଦି ସ୍ଥାନ ବୁଲିଥିଲେ। ସନ୍ଧ୍ୟାରେ ରାଜ୍ୟ ସଭାପତି ମହାନ୍ତି ଭାଜପା ଦଳୀୟ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠିତ ବିଭିନ୍ନ କାର୍ଯ୍ୟକ୍ରମରେ ଅଶୋକ ପୁହାଣ, ମନୋଜ ମଲ୍ଲିକ, ଶରତ ମହାନ୍ତି, କୈଳାସ ମହାପାତ୍ର, ସୁମିତ୍ରା ପାଣି, ମୀନତି ସାହୁ, ପାର୍ବତୀ ପ୍ରଧାନ, ଶ୍ରୀଧର ବେହେରା, ପୁଷ୍ପାଞ୍ଜଳି ବେହେରା, କବିତା ରାଣୀ ରାୟ ପ୍ରମୁଖ ସାମିଲ ହୋଇଥିଲେ।


ଭାଜପା କର୍ମକର୍ତ୍ତାଙ୍କ ସହ ରାଜ୍ୟ ସଭାପତି ସମୀର ମହାନ୍ତି।

## ଜୋନ୍‌ସ୍ତରୀୟ ଜନସମ୍ପର୍କ ପଦଯାତ୍ରା


ପଦଯାତ୍ରାରେ ସାମିଲ ବିଜେଡି ନେତା ଓ କର୍ମୀ।

ଧାମନଗର,୧୦।୧୦(ସ୍ୱ.ପ୍ର./ ଡି.ଏନ.ଏ.)

ଧାମନଗର ବ୍ଲକ ରାଧାବଲ୍ଲଭପୁର ପଞ୍ଚାୟତ ଅଧୀନ ଛତ୍ରପଦା ଗଣେଶ ପଡ଼ିଆରେ ବିଜେଡ଼ି ପକ୍ଷରୁ ଜୋନସ୍ତରୀୟ ଜନସମ୍ପର୍କ ପଦଯାତ୍ରା ଓ ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ଧାମନଗର ଜୋନ ୭ଟି ପଞ୍ଚାୟତର ଦଳୀୟ କର୍ମୀମାନେ ବନ୍ଧଟିଆ ଖଟିଆସାହି ବଜାରଠାରୁ ପଦଯାତ୍ରା ଆରମ୍ଭ କରି ଛତ୍ରପଦା ଗଣେଶ ପଡ଼ିଆଠାରେ ପହଞ୍ଚିଥିଲେ। ପରେ ବିଜେଡ଼ି ବ୍ଲକ ସଭାପତି ଉମେଶ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସଡ଼କ ପରିବହନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ, ରାଜ୍ୟସଭା ଏମ୍‌ପି ସୁଲୋଚନା ଦେଓ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭଦ୍ରକ ଜିଲା ପର୍ଯ୍ୟବେକ୍ଷକ ତଥା ବିଧାୟକ ପ୍ରଣବ ବଳବନ୍ତ ରାୟ, ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଧାମନଗରର ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ଦାସ ଏବଂ ମୁକ୍ତିକାନ୍ତ ମଣ୍ଡଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ବ୍ଲକ ପର୍ଯ୍ୟବେକ୍ଷକ ସରୋଜ କୁମାର ମହାପାତ୍ର, ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ, ଜିଲା ପରିଷଦ ଉପାଧ୍ୟକ୍ଷ ଟୁନୀବାଳା ବିଶ୍ୱାଳ, ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଯେନା ପ୍ରମୁଖ ଯୋଗ ଦେଇ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଜନହିତକର ଯୋଜନା ଗୁଡ଼ିକ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ସହ ଆସନ୍ତା ନଭେମ୍ବର ୩ରେ ହେବାକୁ ଥିବା ଧାମନଗର ନିର୍ବାଚନ ମଣ୍ଡଳୀର ଉପନିର୍ବାଚନ ପାଇଁ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ମତଦାନ କରିବାକୁ ନିବେଦନ କରିଥିଲେ।

## ଜାତୀୟ ମାନବାଧିକାର କମିଶନଙ୍କ ନୋଟିସ

### ଭଦ୍ରକ ଜେଲ ସ୍ଥାନାନ୍ତର ପ୍ରସଙ୍ଗ

ଭଦ୍ରକ ଅଫିସ,୧୦।୧୦

ଭଦ୍ରକ ଜେଲରେ କ୍ଷମତାଠାରୁ ଅଧିକ କଏଦୀ ରଖାଯାଉଥିବା ନେଇ ଜାତୀୟ ମାନବାଧିକାର କମିଶନ ଓଡ଼ିଶା ଜେଲ ବିଭାଗ ମହା ନିର୍ଦ୍ଦେଶକଙ୍କୁ ନୋଟିସ୍ ପଠାଇଛନ୍ତି। ସୁପ୍ରିମ କୋର୍ଟର ଓକିଲ ତଥା ମାନବାଧିକାର କର୍ମୀ ରାଧାକାନ୍ତ ତ୍ରିପାଠୀଙ୍କ ଦ୍ୱାରା ହୋଇଥିବା ପିଟିସନର ବିଚାର କରି ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନୋଟିସରେ ଉଲ୍ଲେଖ ରହିଛି। ତ୍ରିପାଠୀଙ୍କ ଅଭିଯୋଗ କ୍ରମେ ଭଦ୍ରକ ଜେଲର ଫିମେଲ ୱାର୍ଡରେ ୨ ଜଣଙ୍କ ରହିବା ପାଇଁ ଉଦ୍ଦିଷ୍ଟ ଥିବା ବେଳେ ୧୨ ଜଣ କଏଦୀ ରଖାଯାଉଛି। ନୂଆ ଜେଲ ତିଆରି ପାଇଁ ଯୋଜନା ଥିବା ବେଳେ ଏପର୍ଯ୍ୟନ୍ତ ନିର୍ମାଣ କରାଯାଉନାହିଁ। ୨୦୧୨ରେ ଆଇଜି ଭଦ୍ରକରେ ୧୨ କୋଟି ୨୦ ଲକ୍ଷ ୫୭ ହଜାର ଟଙ୍କା ବ୍ୟୟ ଅଟକଳରେ ଅମରଗଡିଆ ଠାରେ ନୂଆ ମଡେଲ ଜେଲ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଅଦ୍ୟାବଧି କୌଣସି କାମ ଆରମ୍ଭ ହାଇନାହିଁ। ପରେ ୨୦୧୫ରେ ଓଡ଼ିଶା ମାନବାଧିକାର କମିଶନଙ୍କଠାରେ ତ୍ରିପାଠୀ ଆଉ ଏକ ପିଟିସନ ଦାଖଲ କରିବା ପରେ ସ୍ଥାନ ଚିହ୍ନଟ କରାଯାଇ ଜେଲ ସ୍ଥାନାନ୍ତର କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଥିଲା। କିନ୍ତୁ ଏଦିଗରେ କୌଣସି ପଦକ୍ଷେପ ନିଆ ଯାଇ ନ ଥିବାରୁ ଜାତୀୟ ମାନବାଧିକାର କମିଶନ ଆସନ୍ତା ନଭେମ୍ବର ୯ ତାରିଖରେ ଶୁଣାଣି କରିବାକୁ କହିଛନ୍ତି।

## ମହିଳା କମିଶନଙ୍କ ଦ୍ୱାରସ୍ଥ ହେଲେ ପରିବାର

### ବଧୂହତ୍ୟା ମାମଲା
### ତଦନ୍ତରେ ଅବହେଳା ଅଭିଯୋଗ

କେନ୍ଦୁଝର,୧୦।୧୦(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଝୁମ୍ପୁରା ଥାନା ଅନ୍ତର୍ଗତ ଝୁମ୍ପୁରା ଗ୍ରାମରେ ଶ୍ୱଶୁର ଘରେ ଲୋକେ ନିର୍ଯାତନ ଦେଇ ବୋହୂଙ୍କୁ ପୋଡ଼ି ମାରି ଦେଇଥିଲେ। ବାପଘର ଲୋକଙ୍କ ଅଭିଯୋଗ ଆଧାରରେ ପୋଲିସ ସ୍ୱାମୀଙ୍କୁ ଗିରଫ କରିଛି। ମାତ୍ର ପୋଲିସ ତଦନ୍ତରେ ଅବହେଳା କରି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରୁନାହିଁ ବୋଲି ବାପଘର ଲୋକେ ଅଭିଯୋଗ କରିଛନ୍ତି। ନ୍ୟାୟ ଦାବିରେ ପରିବାର ମହିଳା କମିଶନଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୂଚନା ମୁତାବକ ଗୋବର୍ଦ୍ଧନ ଗ୍ରାମର ଶୁସାନ୍ତି ସାହୁ, ଭଗବାନ ସାହୁଙ୍କ ଝିଅ ଅପରାଜିତାଙ୍କ ବିବାହ ୬ ବର୍ଷ ତଳେ ଝୁମ୍ପୁରାର ପ୍ରଶାନ୍ତଙ୍କ ସହିତ ହୋଇଥିଲା। ବିବାହ ପରଠାରୁ ଶାଶୂଘର ଲୋକେ ଅଧିକ ଯୌତୁକ ଦାବିରେ ନିର୍ଯାତନା ଦେଇ ଆସୁଥିଲେ। ଗତ ୨ ତାରିଖ ଦିନ ଶାଶୂଘର ଲୋକେ ଝିଅକୁ ପୋଡ଼ି ମାରିଦେଇଥିବା ଶୁସାନ୍ତ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ମୃତ ମହିଳାଙ୍କ ସ୍ୱାମୀଙ୍କୁ ଗିରଫ କରିଥିଲେ। ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ ଦାବି କରି ବାପଘର ଲୋକେ ରାଜ୍ୟ ମହିଳା କମିଶନଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଝୁମ୍ପୁରା ଥାନା ଅଧିକାରୀ ବରେନ୍ଦ୍ର ଶିଆଳ କହିଛନ୍ତି ଯେ, ଘଟଣାରେ ପୋଲିସ ପ୍ରଶାନ୍ତ ସାହୁ, ଉଦାସିନୀ ସାହୁ, ନନ୍ଦିନୀ ସାହୁ, ଝରଣା ସାହୁଙ୍କ ନାମରେ କେସ ନମ୍ବର ୧୧୬/୨୨ରେ ମାମଲା ରୁଜୁ କରି ତଦନ୍ତ କରୁଛି। ସ୍ୱାମୀଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଅନ୍ୟମାନଙ୍କୁ ତୁରନ୍ତ ଗିରଫ କରାଯିବ।

## ଖଇରା ବ୍ଲକ୍ ପରିସରରେ ଚାଲିବ ଅସ୍ଥାୟୀ କୋର୍ଟ


ବିଚାରପତି ଓ ଅନ୍ୟମାନେ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ବୁଲି ଦେଖୁଛନ୍ତି।

ଖଇରା, ୧୦।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରାରେ ଅସ୍ଥାୟୀ କୋର୍ଟ ଖଇରା ବ୍ଲକ ପରିସରରେ ଚାଲିବ। ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ସୋମବାର ଜିଲା ବିଚାରପତି ଅଶାନ୍ତ କୁମାର ଦାସଙ୍କ ନେତୃତ୍ୱରେ ଏକ ଟିମ୍ ଖଇରା ବ୍ଲକ ପରିସରରେ କୋର୍ଟ ଚାଲିବାକୁ ଥିବା ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିଦର୍ଶନ କରିଥିଲେ। ସେହିଭଳି ସ୍ଥାୟୀ କୋର୍ଟ ପ୍ରତିଷ୍ଠା ନିମିତ୍ତ ନୟାଖଣ୍ଡି ପଡିଆ ବୁଲି ଦେଖିଥିଲେ। ରେଜିଷ୍ଟ୍ରାର ଆର୍. କେ. ପ୍ରଧାନ, କୋର୍ଟ ମ୍ୟାନେଜର ପ୍ରିୟଙ୍କା ମିଶ୍ର, ବିଡିଓ ପର୍ଶୁରାମ ପଣ୍ଡା, ସହକାରୀ ଯନ୍ତ୍ରୀ ସୌମ୍ୟମୁକୁଳ ବାରିକ, ଆଇନଜୀବୀ ତ୍ରିଲୋଚନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ୨୪ ଅଭିଯୋଗର ତୁରନ୍ତ ଫଇସଲା

### ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

କେନ୍ଦୁଝର,୧୦।୧୦ (ସ୍ୱ.ପ୍ର.)

କେନ୍ଦୁଝର ଜିଲାପାଳ ଆଶିଷ ଠାକରେ ଏବଂ ଏସ୍.ପି. ମିତ୍ରଭାନୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ କେନ୍ଦୁଝର ଜିଲା ସଦର ମହକୁମାସ୍ଥ ଦରବାର ହଲ୍‌ଠାରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ୍ ୯୪ଟି ଅଭିଯୋଗ ଆଗତ ହୋଇଥିବା ବେଳେ ୨୪ଟିର ତୁରନ୍ତ ଫଇସଲା କରାଯାଇଥିଲା। ଅଭିଯୋଗ ମଧ୍ୟରୁ ୧୩ ଗୋଷ୍ଠୀ ସମସ୍ୟା ହୋଇଥିବା ବେଳେ ୮୧ ବ୍ୟକ୍ତିଗତ ରହିଥିଲା। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସହାୟତା ପାଇଁ ୧୦ଟି ଦରଖାସ୍ତ ଗ୍ରହଣ ହୋଇଥିଲା। ଜଣେ ହିତାଧିକାରୀଙ୍କୁ ବ୍ଲାଇଣ୍ଡ ଷ୍ଟିକ୍ ପ୍ରଦାନ କରାଯାଇଥିଲା। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଡିଏଫ୍‌ଓ ଧନରାଜ ଏଚ୍‌ଡି, ଅତିରିକ୍ତ ଜିଲାପାଳ ସୁଷମା ବିଲୁଙ୍ଗ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ଯଦୁମଣି ମହଲା, ଉପଜିଲାପାଳ ରାମଚନ୍ଦ୍ର କିସ୍କୁ, ଜିଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. କିଶୋର ପୃଷ୍ଟି, ଡେପୁଟି କଲେକ୍ଟର (ଆପାତକାଳୀନ) ସୁରଞ୍ଜିକା ବେହେରା ଏବଂ ଆସିଷ୍ଟାଣ୍ଟ କଲେକ୍ଟର ସୁଚିସ୍ମିତା ଦାଶଙ୍କ ସମେତ ଜିଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ।

## ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରିଲେ ଗ୍ରାମବାସୀ

- ଆତଙ୍କ ଖେଳାଇଛନ୍ତି ୨୨ ଟିକିଆ ହାତୀପଲ
- ଏକରରୁ ଉର୍ଦ୍ଧ୍ୱ ଫସଲ ନଷ୍ଟ

ଚମ୍ପୁଆ, ୧୦।୧୦(ଡି.ଏନ.ଏ)

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଅଧୀନ ରଜିଆ ଓ ପତଳା ଅଞ୍ଚଳରେ ୨୨ଟିକିଆ ହାତୀପଲଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି। ହାତୀପଲ ଦିନକୁ ଦିନ ଏକରରୁ ଉର୍ଦ୍ଧ୍ୱ ଫସଲ ନଷ୍ଟ କରି ଚାଲିଥିବା ବେଳେ ବନବିଭାଗ ଘଉଡ଼ାଇବାରେ ବିଫଳ ହୋଇଛି। ଏଥିରେ ଅତିଷ୍ଠ ହୋଇ ଗ୍ରାମବାସୀ ସୋମବାର ଚମ୍ପୁଆ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ୨ ଘଣ୍ଟା ଧରି ଲୋକେ କାର୍ଯ୍ୟାଳୟ ଆଗରେ ବସିବା ପରେ ଭାରପ୍ରାପ୍ତ ରେଞ୍ଜର ସଞ୍ଜୀବ ରାଉତ ସେଠାରେ ପହଞ୍ଚି ବୁଝାଶୁଝା କରିଥିଲେ। ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଗ୍ରାମବାସୀ ଏନେଇ ଏକ ଦାବିପତ୍ର ପ୍ରଦାନ କରିଥିଲେ।

ସୂଚନା ଅନୁସାରେ ଗତ ୪ ତାରିଖରୁ ୨୨ ଟିକିଆ ହାତୀପଲ ରଜିଆ ଅଞ୍ଚଳରେ ବୁଲୁଛନ୍ତି। ଦିନରେ ପତଳା ଜଙ୍ଗଲରେ ରହୁଥିବା ବେଳେ ରାତି ହେଲେ ଧାନ ବିଲକୁ ଓହ୍ଲାଇ ଫୁଲ ଫୁଟୁଥିବା ଧାନ କ୍ଷେତକୁ ଦଳି ଚକଟି ନଷ୍ଟ କରୁଛନ୍ତି। ହାତୀ ଉପଦ୍ରବରେ ପ୍ରାୟ ୨୦ରୁ ୨୫ ଏକର ଧାନ ଫସଲ ନଷ୍ଟ ହୋଇଛି। ବନବିଭାଗ ପକ୍ଷରୁ ଗଜ ସାଥୀ, ହାତୀ ସ୍କ୍ୱାଡ୍‌ମାନଙ୍କୁ ନିୟୋଜିତ କରାଯାଇଥିବା ବେଳେ ସେମାନେ ହାତୀଙ୍କୁ ଘଉଡ଼ାଇବାରେ ବିଫଳ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଧନ ଜୀବନର ସୁରକ୍ଷା, ଚାଷୀଙ୍କ କ୍ଷତି ଭରଣା, ପାଖ ଗ୍ରାମବାସୀଙ୍କ ପକ୍ଷରୁ ହାତୀ ଚଲାପଥ ବାଧା ସୃଷ୍ଟିର ସମାଧାନ, କ୍ଷତିଗ୍ରସ୍ତ ଚାଷର ସରଜମିନ ତଦନ୍ତ ଦାବିରେ ପତଳା ଗ୍ରାମର ୧୫୦ରୁ ଉର୍ଦ୍ଧ୍ୱ ମହିଳା, ପୁରୁଷ ରେଞ୍ଜ୍ ଅଫିସ ସମ୍ମୁଖରେ ବସି ରହିଥିଲେ। ତୁରନ୍ତ ସମସ୍ୟାର ସମାଧାନ ନ ହେଲେ ରାଜପଥକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଥିଲେ। ଏ ନେଇ ଭାରପ୍ରାପ୍ତ ରେଞ୍ଜର ରାଉତଙ୍କୁ ପଚାରିବାରୁ କହିଛନ୍ତି, ହାତୀ ଘଉଡାଇବା ଲାଗି ୨୪ ଘଣ୍ଟା କର୍ମଚାରୀ ନିୟୋଜିତ କରାଯାଇଛି। ସରକାରୀ ନିୟମ ଅନୁଯାୟୀ ଚାଷୀଙ୍କୁ କ୍ଷୟକ୍ଷତି ମୂଲ୍ୟ ପ୍ରଦାନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

## ସମସ୍ୟା ସମାଧାନ ଉପରେ ଗୁରୁତ୍ୱ

ବାଲିଆପାଳ,୧୦।୧୦(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକରେ ସୋମବାର ବ୍ଲକ ସଭାଗୃହରେ ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୪୬ ଅଭିଯୋଗ ପଞ୍ଜୀକରଣ ହୋଇଥିଲା। ସେଥିରୁ ୧୨୮ ବ୍ୟକ୍ତିଗତ ଥିଲା। ୭୫ଟି ଅଭିଯୋଗର ଶୁଣାଣି ହୋଇଥିଲା। ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ, ଉପଜିଲାପାଳ ପ୍ରବେଶନରେ ଥିବା କିରଣଦୀପ କୌର, ଏସ୍‌ପି ସୁଧାଂଶୁ ଶେଖର ମିଶ୍ର, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ସାହୁ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଲସେନ ଜଗଦେବଙ୍କ ସହିତ ଜିଲାର ସମସ୍ତ ବିଭାଗର ମୁଖ୍ୟ ଅଧିକାରୀ ଉପସ୍ଥିତ ରହି ଲୋକଙ୍କ ସମସ୍ୟାର ସମାଧାନ କରିଥିଲେ। ବହୁ ସମସ୍ୟାର ସମାଧାନ ହୋଇ ନ ପାରିବାରୁ ଜିଲାପାଳ ବିଭାଗୀୟ ମୁଖ୍ୟ ଅଧିକାରୀଙ୍କ ପାଖକୁ ଆବେଦନପତ୍ର ପଠାଇ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ମଧୁପୁରା ପଞ୍ଚାୟତ ଚୌଧୁରୀକୁଦ ଓ ଚରବନ୍ତ କାଳରୁଇ ଗ୍ରାମ ବନ୍ୟା ବାତ୍ୟା ସମୟରେ


ଜନଶୁଣାଣି ଶିବିରକୁ ଅଭିଯୋଗ ଦାଖଲ ପାଇଁ ଆସିଥିବା ଲୋକେ।

ସମ୍ପୂର୍ଣ୍ଣ ଭାବରେ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡ଼େ। ବାଲିଆପାଳଠାରୁ ବହୁ ଗହିର ଅଞ୍ଚଳରେ ଗ୍ରାମଦ୍ୱୟ ହୋଇଥିବାରୁ ବହୁ ସମୟରେ ଲୋକଙ୍କ ଘରେ ବନ୍ୟାଜଳ ପଶିଯାଏ। ତେଣୁ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗିଥାନ୍ତି। ସେଠାରେ ଏକ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରିବା ପାଇଁ ଚୌଧୁରୀକୁଦ ଗ୍ରାମର ବାବାଜୀ ସାହୁ ଏକ ଆବେଦନ ପତ୍ର ଦାଖଲ କରି ଜିଲାପାଳଙ୍କୁ ଗୁହାରି କରିଥିଲେ। ଜିଲାପାଳ ବାଲିଆପାଳ ବ୍ଲକ ବିଡିଓ ଦାୟିତ୍ୱରେ ଥିବା ତହସିଲଦାରଙ୍କୁ ଯେଉଁ ସ୍ଥାନରେ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ହେବାର ଆବଶ୍ୟକତା ଥିବ ସେ ବିଷୟରେ ଲିଖିତ ଆବେଦନ କରିବା ପାଇଁ କହିଥିଲେ। ସେହିପରି ୬୦ବର୍ଷର ଲୋକ ଜବକାର୍ଡ଼ରେ କାର୍ଯ୍ୟ କରିପାରିବେ ଏବଂ ବିଭିନ୍ନ ପଞ୍ଚାୟତରେ ଏମ୍‌ଜିଏନଆରଇଜିଏସ୍‌ରେ କାମ ନ ହୋଇ ବିଲ୍ ଉଠାଯାଉଥିବା ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ପ୍ରଶ୍ନ ଉଠାଇଥିଲେ। ଏ ବିଷୟରେ ଲିଖିତ ଅଭିଯୋଗ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ କହିଥିଲେ। ଅଭିଯୋଗ ଶୁଣାଣିରେ ବ୍ଲକର ସହକାରୀ ଯନ୍ତ୍ରୀ ଭାଗିରଥି ବେହେରା, ଯୋଗାଣ ଅଧିକାରୀ ଅମ୍ବିକା ରଥ, ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା. ବେଣୁଧର ହୋଇ, ବିଦ୍ୟୁତ୍ ବିଭାଗର ଏସ୍‌ଡିଓ ସୁଶାନ୍ତ ବାରିକ, ଜଳସେଚନ ବିଭାଗ କନିଷ୍ଠଯନ୍ତ୍ରୀ ପ୍ରଦୀପ ବେହେରା, ଡ୍ରେନେଜ ବିଭାଗର ସହକାରୀ ଯନ୍ତ୍ରୀ ସୁଧୀର ପରିଡ଼ାଙ୍କ ସହିତ ବ୍ଲକର ସମସ୍ତ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଉପସ୍ଥିତ ରହି ସମସ୍ୟା ବୁଝିଥିଲେ।

### ବାଲିଆପାଳରେ ଜିଲାପାଳ, ଏସ୍‌ପିଙ୍କ ଅଭିଯୋଗ ଶୁଣାଣି

